# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 28th September - 2026

************************************

*Desk*

## ଅଣବୈଠକ ଦିବସ

ରାଜ୍ୟ ସରକାର ପ୍ରତ୍ୟେକ ସୋମବାରକୁ ଅଣବୈଠକ ଦିବସ ଭାବେ ଘୋଷଣା କରିଛନ୍ତି । ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସମସ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ଅତି ଆବଶ୍ୟକ ନ ଥିଲେ ସୋମବାର କୌଣସି ପ୍ରକାର ସରକାରୀ ବୈଠକ ଆୟୋଜନ ନ କରିବାକୁ ସମସ୍ତ ବରିଷ୍ଠ ଅଧିକାରୀ ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଦିଆଯାଇଛି । ଜନ ଅଭିଯୋଗ ଶୁଣାଣିକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

*Desk*

## ବ୍ୟାଙ୍କ୍ ଧର୍ମଘଟ ସ୍ଥଗିତ

ବ୍ୟାଙ୍କ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଆଜିଠାରୁ ଆରମ୍ଭ ହେବାକୁ ଥିବା ତିନିଦିନିଆ ଧର୍ମଘଟ ଡାକରାକୁ ସ୍ଥଗିତ ରଖାଯାଇଛି । ମଞ୍ଚ ପକ୍ଷରୁ ଏ ସଂକ୍ରାନ୍ତ ଘୋଷଣାନାମା ଜାରି କରାଯାଇଛି । ଭାରତୀୟ ବ୍ୟାଙ୍କ୍ ସଂଘ ସହ ମିଳିତ

ମଞ୍ଚର ଆଲୋଚନା ପରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ପାଞ୍ଚଦିନିଆ ବ୍ୟାଙ୍କ୍ କାର୍ଯ୍ୟଦିବସ କାର୍ଯ୍ୟକାରୀ କରିବା ଉପରେ ବିଚାର ବିମର୍ଶପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ ।

***Desk, Nabarangpur, Bhadrak/R***

## ପାଣିପାଗ

ଗଭୀର ଅବପାତ ପ୍ରଭାବରେ ଉତ୍ତର ଓଡ଼ିଶା ଏବଂ ଝାଡ଼ଖଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ, ସୁବର୍ଣ୍ଣରେଖା, ଜଳକା, ବୁଢ଼ାବଳଙ୍ଗ ଏବଂ ସାଳନ୍ଦୀ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ କହିଛନ୍ତି, ସ୍ଥିତି ଉପରେ ନଜର ରଖିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବୃଦ୍ଧି ପାଇଛି । ଆଜି ସକାଳ ୬ଟା ସୁଦ୍ଧା ଜଳଭଣ୍ଡାରର ୨୮ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଥିବାବେଳେ ଜଳଭଣ୍ଡାରର ଜଳସ୍ତର ୬୨୯ ଦଶମିକ ୦/୮ ଫୁଟ ରହିଛି ।  କଟକ ମୁଣ୍ଡୁଳିଠାରେ ଆଜି ପୂର୍ବାହ୍ନରେ ୮ ଲକ୍ଷ ଘନଫୁଟ ବନ୍ୟାଜଳ ପ୍ରବାହିତ ହେବାର ସମ୍ଭାବନା ରହିଛି ।

ଇନ୍ଦ୍ରାବତୀ ଜଳଭଣ୍ଡାରର ଆଜି ଆଉ ଗୋଟିଏ ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କରାଯିବାକୁ ନିଷ୍ପତ୍ତି ହୋଇଛି । ଏଥିପାଇଁ ଡାକବାଜି ଯନ୍ତ୍ରଦ୍ୱାରା ଗତକାଲି ତଳିଆ ଅଞ୍ଚଳର ଲୋକମାନଙ୍କୁ ସଚେତନ କରାଯାଇଛି ।

ଜଳଭଣ୍ଡାରର ଜଳସ୍ତର ସର୍ବୋଚ୍ଚ କ୍ଷମତା ପାଖାପାଖି ରହିଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି ।

ଭଦ୍ରକ ଜିଲ୍ଲା ବନ୍ୟା ପରସ୍ଥିତି ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସମୀକ୍ଷା କରିଛନ୍ତି । ପ୍ରଭାବିତ ଅଞ୍ଚଳରେ ଲୋକଙ୍କୁ ପାନୀୟ ଜଳ, ଶୁଖିଲା ଓ ରନ୍ଧାଖାଦ୍ୟ ଯୋଗାଣ ନେଇ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

ଅପରପକ୍ଷରେ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, କଟକ, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

***Desk***

# କଳିଙ୍ଗା ଘାଟି - ସମୀକ୍ଷା

ସାମ୍ପ୍ରତିକ ବର୍ଷା ପରିସ୍ଥିତି ଯୋଗୁଁ କଳିଙ୍ଗା ଘାଟିରେ ହୋଇଥିବା ଭୂସ୍ଖଳନ ସ୍ଥାନର ସ୍ଥିତି ନେଇ ନିର୍ମାଣ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସମୀକ୍ଷା କରିଛନ୍ତି । କନ୍ଧମାଳ ଜିଲ୍ଲାକୁ ଗତକାଲି ଗସ୍ତରେ ଯାଇ ଶ୍ରୀ ସିଂହ ଦୁଇଟିଯାକ ଭୂସ୍ଖଳନ ସ୍ଥାନର କ୍ଷେତ୍ରୀୟ ସମୀକ୍ଷା କରି ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ସେହି ସ୍ଥାନରେ ବିପଦସଙ୍କୁଳ ଅବସ୍ଥାରେ ଥିବା ପଥର, ନରମ ମାଟି ଏବଂ ଅନ୍ୟାନ୍ୟ ବିପଦ ସୃଷ୍ଟିକାରୀ ପରିସ୍ଥିତିକୁ ହଟାଇବାକୁ ଶ୍ରୀ ସିଂହ’ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

***Desk***

# ଖଣ୍ଡଗିରି

ଭୁବନେଶ୍ୱରର ଐତିହାସିକସ୍ଥଳୀ ଖଣ୍ଡଗିରିଠାରେ ଆଲୋକ ଓ ଶବ୍ଦ ବ୍ୟବସ୍ଥା ଗତକାଲିଠାରୁ ଆରମ୍ଭ ହୋଇଛି । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାର ଶୁଭାରମ୍ଭ କରିଛନ୍ତି । ପର୍ଯ୍ୟଟନ ବିଭାଗ ସହଯୋଗରେ ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ ଏହି ବ୍ୟବସ୍ଥାକୁ ବିକଶିତ କରାଯାଇଛି । ଆଧୁନିକ ପ୍ରଯୁକ୍ତିବିଦ୍ୟା, ଆଲୋକ, ଶବ୍ଦ ଓ କାହାଣୀ ଗଠନ ଶୈଳୀ ମାଧ୍ୟମରେ ଖଣ୍ଡଗିରି ଓ ଉଦୟଗିରି ଗୁମ୍ଫାର ବୈଚିତ୍ର୍ୟକୁ ପର୍ଯ୍ୟଟକଙ୍କ ନିକଟରେ ଉପସ୍ଥାପନ କରିବା ଲକ୍ଷ୍ୟ ନେଇ ଏହାକୁ କାର୍ଯ୍ୟକାରୀ କରାଯାଇଛି । ଦୈନିକ ସନ୍ଧ୍ୟାରେ ଦୁଇଟି ଶୋ'ର ଆୟୋଜନ କରାଯିବ ।

***Pool, Bhadrak/R***

# ଭଗତ ସିଂହ ଜୟନ୍ତୀ

ସହିଦ-ଏ-ଆଜମ୍ ଭଗତ୍ ସିଂହଙ୍କ ୧୧୯ତମ ଜନ୍ମଦିବସ ଅବସରରେ ଦେଶବାସୀ ତାଙ୍କ ଅମ୍ଳାନ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ୧୯୦୭ ମସିହା ସେପ୍ଟେମ୍ବର ମାସ ୨୮ ତାରିଖରେ ପଞ୍ଜାବର ଲ୍ୟାଲ୍ଲପୁର ଜିଲ୍ଲା ଅନ୍ତର୍ଗତ ବଙ୍ଗା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ସ୍ମୃତି

ଉଦ୍ଦେଶ୍ୟରେ ଆଜି ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍‌ର ରକ୍ତତୀର୍ଥ ଇରମ୍‌ଠାରେ ୮୪ତମ ସହିଦ ଦିବସ ଆଜି ପାଳନ କରାଯାଉଛି । ଏହି ଅବସରରେ ପୁଲିସ ପକ୍ଷରୁ ତୋପ ସଲାମୀ ଏବଂ ସହିଦ୍‌ଙ୍କ ଉଦ୍ଦେଶ୍ୟରେ ସମାଜର ବିଭିନ୍ନ ବର୍ଗର ଲୋକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି । ୧୯୪୨ ମସିହା ଆଜିର ଦିନରେ ବ୍ରିଟିଶ ଶାସନ ବିରୋଧରେ ସଂଗ୍ରାମ ଅବସରରେ ୨୯ ଜଣ ଇରମ୍‌ଠାରେ ସହିଦ ହୋଇଥିଲେ ।

***Desk***

# ଜଳାତଙ୍କ ଦିବସ

ଜଳାତଙ୍କ ରୋଗର ପ୍ରଭାବ ଓ ଏହାର ନିରାକରଣ ସଂପର୍କରେ ଜନସଚେତନତା ସୃଷ୍ଟି କରିବା ନେଇ ଆଜି ବିଶ୍ୱ ଜଳାତଙ୍କ ଦିବସ ପାଳନ କରାଯାଉଛି । ଜଳାତଙ୍କ ଏକ ଭୂତାଣୁ ଜନିତ ରୋଗ । ଜଳାତଙ୍କ ପ୍ରତିଷେଧ ଟିକା ଉଦ୍ଭାବନ କରିଥିବା ବୈଜ୍ଞାନିକ ଲୁଇ ପାଷ୍ଟରଙ୍କର ସ୍ମୃତିରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଜିର ଦିନକୁ ସ୍ମରଣୀୟ କରିବା ପାଇଁ ଏହି ଦିବସ ପାଳନ କରାଯାଉଛି । “ଦୃଢ଼ ଏକତା”ର ବାର୍ତ୍ତା ନେଇ ଚଳିତ ବର୍ଷ ଏହି ଦିବସ ପାଳନ କରାଯାଉଛି ।

*Nayagada/R*

# ଦୀନଦୟାଲ୍ ଜୟନ୍ତୀ

ନୟାଗଡ଼ ଜିଲ୍ଲା ଭାପୁର ପୂର୍ତ୍ତବିଭାଗ ଡାକବଙ୍ଗଳା ପରିସରରେ ପଣ୍ଡିତ ଦୀନଦୟାଲ୍ ଉପାଧ୍ୟାୟ ଜୟନ୍ତୀ ପାଳିତ ହୋଇଯାଇଛି । ପରିବେଶ ସୁରକ୍ଷା, ସବୁଜିମା ବୃଦ୍ଧି ଲକ୍ଷ୍ୟ ନେଇ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।

*****